# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## <u>କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ</u>

ତା 04.06.2022 ରିଖ

ସମୟ - ଅପରାହ୍ନ ଘ.4.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା :-</u>

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍
୨. ଶ୍ରୀମତୀ କିରଣବାଳା ମାଝୀ,
୩. ଶ୍ରୀମତୀ ଧରିତ୍ରୀ ଜେନା,
୪.ଶ୍ରୀ ଦୀପକ କୁମାର ମିଶ୍ର,
୫. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୬. ଶ୍ରୀମତୀ ବନ୍ଦିତା ପାଲ୍,
୭. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା 04.06.2022 ରିଖ ଅପରାହ୍ନ ଘ.4.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନ ମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମରେ DLR ଏବଂ CLR ମାନେ ଦୀର୍ଘଦିନ ହେବ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ଅବସର ନେବା ସମୟ ହେଲାଣି । ସେମାନେ ଖୁବ୍ କମ୍ ଦରମା ପାଉଛନ୍ତି ଓ ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି । ତେଣୁ ସେମାନଙ୍କୁ ସିନିୟରଟି ଓ ଯୋଗ୍ୟତା ଭିତିରେ ନିୟମିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ଦୀର୍ଘ ଦିନହେଲା ଗୋଟିଏ ପଦବୀରେ ରହି କେତେକ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କୁ କୌଣସି ପଦୋନ୍ନତି ଦିଆଯାଇନାହିଁ । ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଗମ କର୍ମଚାରୀ ମାନଙ୍କୁ Modified Assured Carrier Progression (MACP) ଲାଗୁ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.05 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା 04.06.2022 ରିଖ